## କଡ଼ାକଡ଼ି ହେବ ଅନୁସୂଚିତ ଜାତି-ଜନଜାତି ଆଇନ୍

# ଆସିବ ଅଧ୍ୟାଦେଶ !

ନୂଆଦିଲ୍ଲୀ, ୧୫।୪/ପିଟି :

ଅନୁସୂଚିତ ଜାତି-ଜନଜାତି ଆଇନରେ ସୁପ୍ରିମ୍‌କୋର୍ଟ ସଂଶୋଧନ ଆଣିବା ପରେ ଦଳିତ ବର୍ଗ ଏହାକୁ ବିରୋଧ କରି ଦେଶବ୍ୟାପୀ ଆନ୍ଦୋଳନ କରିବା ପରିପ୍ରେକ୍ଷୀରେ ସରକାର ମୂଳ ଆଇନ ପୁନଃ ପ୍ରବର୍ତ୍ତନ କରିବା ପାଇଁ ଅଧ୍ୟାଦେଶ ଆଣିବାକୁ ଯୋଜନା କରୁଛନ୍ତି। ଅଧ୍ୟାଦେଶ ଅଣାଯାଇ ମୂଳ ଆଇନ ଅନୁସୂଚିତ ଜାତି-ଜନଜାତି (ନିର୍ଯାତନା ନିରୋଧ) ଆଇନ ପୁଣି ପ୍ରବର୍ତ୍ତନ କରାଗଲେ ଦଳିତବର୍ଗ ଆଶ୍ୱସ୍ତ ହେବେ ବୋଲି ସରକାର ବିଚାରୁଛନ୍ତି। ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ ଯେ, ମୋଦି ସରକାର ୨ଟି ବିକଳ୍ପ ସମ୍ପର୍କରେ ଚିନ୍ତା କରୁଛନ୍ତି। ପ୍ରଥମେ ଅଧ୍ୟାଦେଶ ଜାରି କରି ଆଇନର ପୁନଃ ପ୍ରବର୍ତ୍ତନ କରାଯିବ କିମ୍ବା ସଂସଦରେ ସଂଶୋଧନ ବିଲ୍ ଅଣାଯାଇ ପୁରୁଣା ଆଇନ ପୁନର୍ବାହାଲ କରାଯିବ। ଆସନ୍ତା ଜୁଲାଇରେ ସଂସଦର ମୌସୁମୀ ଅଧିବେଶନ ବସିବ। ଏହି ଅଧିବେଶନରେ ଅନୁସୂଚିତ ଜାତି-ଜନଜାତି (ନିର୍ଯାତନା ନିରୋଧ) ଆଇନ(୧୯୮୯)ରେ ସୁପ୍ରିମକୋର୍ଟ ଆଣିଥିବା ସଂଶୋଧନକୁ ପୁନର୍ବାର ସଂଶୋଧନ କରାଯାଇ ମୂଳ ଆଇନକୁ ପୁନର୍ବାହାଲ କରାଯିବ। ସରକାରଙ୍କ ପାଇଁ ଉଭୟ ବିକଳ୍ପ ସମାନ ହୋଇଥିଲେ ମଧ୍ୟ ଆଗେ ଅଧ୍ୟାଦେଶ ଜାରି କରାଗଲେ ତାହା ଦଳିତବର୍ଗଙ୍କୁ ତତ୍କାଳ ଆଶ୍ୱସ୍ତ କରିପାରିବ ବୋଲି ସରକାରଙ୍କ ନିକଟତମ ସୂତ୍ରରୁ ଜଣାପଡ଼ିଛି। ବିଭିନ୍ନ ଦଳିତ ଗୋଷ୍ଠୀ ପକ୍ଷରୁ ସୁପ୍ରିମକୋର୍ଟଙ୍କ ମାର୍ଚ୍ଚ ୨୦ ରାୟକୁ ବିରୋଧ କରି ଗତ ୨ ତାରିଖରେ ଦେଶବ୍ୟାପୀ ବଡ଼ ଧରଣର ହିଂସାତ୍ମକ ଆନ୍ଦୋଳନ ହୋଇଥିଲା। ଏଥିରେ ୯ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିଲା। ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ କଡ଼ା ସମାଲୋଚନା କରୁଛନ୍ତି। ସରକାର ଦଳିତ ବର୍ଗଙ୍କ ସ୍ୱାର୍ଥରକ୍ଷା କରିବାରେ ବିଫଳ ହୋଇଛନ୍ତି ବୋଲି ସେମାନେ ଅଭିଯୋଗ କରୁଛନ୍ତି।

ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ଶୁକ୍ରବାର ଏହି ପ୍ରସଙ୍ଗରେ କହିଥିଲେ ଯେ, ଅନୁସୂଚିତ ଜାତି-ଜନଜାତିଙ୍କ ପାଇଁ ଆମେ କଡ଼ା ଆଇନ ପ୍ରବର୍ତ୍ତନ କରିଛୁ ଏବଂ ଏହାକୁ କୋହଳ କରିବାକୁ ଦିଆଯିବ ନାହିଁ। ମୋଦିଙ୍କ ଏଭଳି ଆଭିମୁଖ୍ୟ ସତ୍ତ୍ୱେ ସରକାର ଏ ଦିଗରେ କିଭଳି ପଦକ୍ଷେପ ନେବାକୁ ଯାଉଛନ୍ତି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସର୍ବୋଚ୍ଚ ଅଦାଲତରେ ଏ ସଂକ୍ରାନ୍ତରେ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଦାଏର ହୋଇଥିବା ରିଭ୍ୟୁ ପିଟିସନ୍ ଉପରେ ଏବେ ଶୁଣାଣି ଚାଲିଥିବାରୁ ଏହା ଉପରେ ସରକାରଙ୍କ ନଜର ରହିଛି ବୋଲି ଏହି ସୂତ୍ରରୁ ଜଣାପଡ଼ିଛି। କିନ୍ତୁ ରିଭ୍ୟୁ ପିଟିସନ୍‌ରୁ ସରକାରଙ୍କୁ ଆଶାନୁରୂପ ରାୟ ମିଳିବ ବୋଲି ଆଶା କରାଯାଉ ନାହିଁ। ତେଣୁ ଏ ଦିଗରେ ଭବିଷ୍ୟତ କାର୍ଯ୍ୟପନ୍ଥା ପାଇଁ ସରକାର କୌଣସି ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଆଶା କରାଯାଉଛି।